# Akashvani, Sambalpur

## SAMBALPURI NEWS EVENING BULLETIN

## 5 March 2026-7.02- 7.12 pm.

---

୧- ଭିନ୍ ଭିନ୍ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେବାର୍ ଲାଗି ଆଏବାକାଏଲ୍‌ଠାନୁ ଓଡ଼ିଶା ଗସ୍ତଥି ଆସୁଛନ୍ ସ୍ୱରାଷ୍ଟ୍ରମନ୍ତ୍ରୀ ।

- କଟକ୍ ମୁଣ୍ଡୁଲି ନ ସିଆଇଏସ୍‌ଏଫ୍ ର ୫୭ ତମ ଥାପ୍‌ନା ଦିବସ୍‌ଥି ଯୋଗ୍ ଦେଇକରି ୮ ହଜାର୍ କୋଟିନୁ ଅଏତ୍‌କା ଟଙ୍କାର୍ ଭିନ୍ ଭିନ୍ ପ୍ରକଳ୍ପର୍ କର୍‌ବେ ଶିଳାନ୍ୟାସ୍ ।

୨- ୨୦୨୭ ଜନଗଣନା ଲାଗି ନୂଆଦିଲ୍ଲୀ ନ ୪ ଟା ଡିଜିଟାଲ୍ ଉପକରଣ୍‌ର ହେଲା ଉନ୍ମୋଚନ୍ ।

୨- ୧୦ ଟା ରାଜ୍ୟର୍ ୩୭ ଟା ରାଜ୍ୟସଭା ଆସନ୍ ଲାଗି ଆଏଜ୍ ଶେଷ୍ ହେଲା ନାମାଙ୍କନ୍ ପତ୍ର ଦାଖଲ୍ ।

- ଆଏବା କାଏଲ୍ ହେବା ପ୍ରାର୍ଥୀପତ୍ର ଯାଂଚ୍ ।

ଆଉର୍

୪- ଆଇସିସି ବିଶ୍ୱକପ୍ ପୁରୁଷ କ୍ରିକେଟ୍‌ଥି ଚାଲିଛେ ଭାରତ୍ ଆଉ ଇଂଲଣ୍ଡ୍ ଭିତ୍‌ରେ ଦୁଇ ନମ୍ବର୍ ସେମି ଫାଇନାଲ୍ ମେଚ୍ ।

ଅମିତ୍ ଶାହା-ଓଡ଼ିଶା ଗସ୍ତ କଟକ୍ ସମ୍ବାଦଦାତା

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଆଏବା କାଏଲ୍ଠାନୁ ୨ ଦିନିଆ ଓଡ଼ିଶା ଗସ୍ତଥି ଆସୁଛନ୍ । କଟକ୍ ମୁଣ୍ଡୁଲିଠାନେ ଥିବା ସିଆଇଏସ୍ଏଫ୍ର ୫୭ ତମ ଥାପ୍ନା ଦିବସ୍ଥି ଶ୍ରୀ ଶାହା ମୁଖ୍ୟଅତିଥି ଭାବେ ଯୋଗ୍ ଦେବେ । ସ୍ୱରାଷ୍ଟ୍ରମନ୍ତ୍ରୀ ଉପର୍ବେଲା ଜଟଣୀ ଠାନେ ଜାତୀୟ ଫୋରେନ୍ସିକ୍ ବିଜ୍ଞାନ୍ ବିଶ୍ୱବିଦ୍ୟାଳୟ ଆଉ କେନ୍ଦ୍ରୀୟ ଫରେନ୍ସିକ୍ ବିଜ୍ଞାନ୍ ପରୀକ୍ଷା ଗାରର୍ ଭୁବ୍ନେଶ୍ୱର୍ କେମ୍ପସ୍ ଲାଗି ଭୂମିପୂଜନ୍ କର୍ବେ । ତାର୍ ଉତ୍ରୁ ଭୁବ୍ନେଶ୍ୱର୍ର ଇଡ୍କୋ ପ୍ରଦର୍ଶନୀ ପଡ଼ିଆ ନ ନ୍ୟାୟ ସଂହିତା ପ୍ରଦର୍ଶନୀକେ ଉଦ୍ଘାଟନ୍ କର୍ବେ ବଲି ଆମର୍ ସମ୍ବାଦଦାତା ଜନେଇଛନ୍ ।

ଶ୍ରୀ ଶାହାଙ୍କର୍ ଗସ୍ତ ଲାଗି ଆଏଜ୍ ଭୁବ୍ନେଶ୍ୱର୍ ରାଜ୍ୟ ଅତିଥି ଭବନ୍ ଠାନେ ସି.ଆଇ.ଏସ୍.ଏଫ୍. ତର୍ପୁ ଗୁଟେ ସାମ୍ବାଦିକ୍ ସମ୍ମିଲନୀର୍ ଆୟୋଜନ୍ କରାଯାଇଥିଲା । ସମ୍ମିଲନୀଥି ସିଆଇଏସ୍ଏଫ୍ ମହାନିର୍ଦ୍ଦେଶକ୍ ପ୍ରବୀର୍ ରଞ୍ଜନ୍ କହିଛନ୍, ସ୍ୱରାଷ୍ଟ୍ରମନ୍ତ୍ରୀ ଆଏବା କାଏଲ୍ ୮ ହଜାର୍ ୮ ଶହ ଅଣାନବେ କୋଟିନୁ ଅଏତ୍କା ଟଙ୍କାର୍ ୫ ଟା ପ୍ରକଳ୍ପର୍ ଶିଲାନ୍ୟାସ୍ କର୍ବେ ।

ସେଥିର୍ଭିତ୍ରୁ ୨ ଟା ଗୃହନିର୍ମାଣ୍ ପ୍ରକଳ୍ପର୍ ଭିତିପ୍ରସ୍ତର୍ ଥାପ୍ନା କରାଯିବା । ସିଆଇଏସ୍ଏଫ୍‌ର କ୍ଷମତା ଆଉ ସାମର୍ଥ୍ୟକେ ବହୁତ୍ ଗୁନା ବଢ଼ାବାର୍ ଲାଗି ନିଆଯାଇଥିବା ଭିନ୍ ଭିନ୍ ପଦକ୍ଷେପ୍ ଉପ୍ରେ ଶ୍ରୀ ରଞ୍ଜଜନ୍ ଜୋର୍ ଦେଇଥିଲେ ।

ଇହାଦେର୍ ସମିଆଥି ସିଆଇଏସ୍ଏଫ୍ ୨ ଲାଖ୍ କର୍ମଚାରୀଙ୍କର୍ ସହେତେ ୨୫ ଟା ରାଜ୍ୟ ଆଉ ୫ ଟା କେନ୍ଦ୍ରଶାସିତ୍ ଅଂଚଲ୍ ନ ୩ ଶହ ୬୧ ଟା ଗୁରୁତ୍ୱପୂର୍ଣ୍ଣ ସଂସ୍ଥାନ୍‌କେ ସୁରକ୍ଷା ଦେଉଛେ । ଇତାର୍ସହେତେ ୬୧ ଟା ବିମାନ୍ ବନ୍ଦର୍, ଦିଲ୍ଲୀ ମେଟ୍ରୋ, ୧୦ ଟା ରାସାୟନିକ୍ ଆଉ ଫର୍ଟିଲାଇଜର୍ ସଂସ୍ଥା ବାଗିର୍ ଭିନ୍ ଭିନ୍ କ୍ଷେତ୍ରଥି କାମ୍ କରୁଛନ୍ ବଲି ଶ୍ରୀ ରଞ୍ଜନ୍ କହିଛନ୍ । ସିଆଇଏସ୍ଏଫ୍ ଥି ସବୁନୁ ଜହ ମହିଲା କର୍ମଚାରୀ ରହିଛନ୍ । ଯେନ୍‌ଟା ଇହାଦେର୍ ବାହିନୀର୍ ସର୍ବମୋଟର୍ ସଂଖ୍ୟା ବଳର ୮ ପ୍ରତିଶତ୍‌ନୁ ଅଏତ୍‌କା ଆଏ । ମହିଲା କର୍ମଚାରୀଙ୍କର୍ ଲାଗି ଖାସ୍ ସ୍ୱତନ୍ତ୍ର ସହାୟତା ଆଉ ଦିଲ୍ଲୀ ନ ପାରିବାରିକ୍ ପରାମର୍ଶ କେନ୍ଦ୍ର ଥାପ୍ନା କରାଯାଇଛେ । ସିଆଇଏସ୍ଏଫ୍ ତର୍‌ଫୁ ୫ ଲାଖ୍ ଗଛ୍ ଲଗାଯାଇକରି ପରିବେଶ୍ କ୍ଷେତ୍ରଥି ନୂଆଁ ମାଇଲ୍ ଖୁଂଟା ଥାପ୍ନା କରାଯାଇଛେ ।

ଜନଗଣନା-୨୦୨୭- ଅମିତ୍ ଶାହା ଆଇ.ଆଣ୍ଡ୍.ପି.ଆର୍

କେନ୍ଦ୍ର ଗୃହ ଆଉ ସମବାୟ ମନ୍ତ୍ରୀ ଅମିତ୍ ଶାହା ଆଏଜ୍ ନୂଆଦିଲ୍ଲୀ ନ ଜନଗଣନା-୨୦୨୭ ଲାଗି ୪ ଟା ଡିଜିଟାଲ୍ ଉପକରଣ୍ ସହେତେ ପ୍ରଗତି ଆଉ ବିକାଶ୍ ନାଁଥି ୨ ଟା ମାସ୍କଟ୍ର ଶୁଭାରମ୍ଭ କରିଛନ୍ । ପହେଲାଥର୍ ଲାଗି ଜନଗଣନା ଡିଜିଟାଲ୍ ଭାବେ କରାଯିବା । ଆଉ ସ୍ୱଗଣନାର୍ ବିକଳ୍ପ ଭିଲ୍ ମିଲିପାର୍‌ବା । ସ୍ୱଗଣନା ସୁବିଧା ଜରିଏ ଉତର୍‌ଦାତାମାନେ ୧୬ ଟା ଭାଷାଥି ଘରେ ବସିକରି ଅନ୍‌ଲାଇନ୍‌ଥି ସୂଚ୍‌ନା ଦାଖଲ୍ କରିପାର୍‌ବେ । ୨୦୨୭ ଜନଗଣନା ବିଶ୍ୱର୍ ସବୁନୁ ବଡ଼ ଜନଗଣନା ହେବାର୍ ସହେତେ ୨ ଟା ଖେପେ କରାଯିବା । ପହେଲା ଖେପେ ଘର୍ ତାଲିକା ଆଉ ଆବାସ ଗଣନା ଆଉ ୨ ନମ୍ବର୍ ଖେପେ ଜନସଂଖ୍ୟା ଗଣନା କରାଯିବା । ଇ ପ୍ରକ୍ରିୟାଥି ସାରା ଦେଶେ ୩ ଲାଖ୍‌ନୁ ଅଏତ୍‌କା ଗଣନାକାରୀ, ପର୍ଯ୍ୟବେକ୍ଷକ୍ ଆଉ ଅଧିକାରୀ ସାମିଲ୍ ହେବେ ।

ଏସ୍‌ଆଇଆର୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ହେବାର୍‌କେ ଥିବାର୍ ଭୋଟର୍ ତାଲିକାର୍ ସ୍ୱତନ୍ତ୍ର ସଘନ ସଂଶୋଧନ୍- ଏସ୍‌ଆଇଆର୍ ବାବ୍‌ଦେ ରାଜ୍ୟ ମୁଖ୍ୟ ନିର୍ବାଚନ୍

ଅଧିକାରୀ ଆର୍.ଏସ୍. ଗୋପାଲନ୍‌ଙ୍କର୍ ଅଧକ୍ଷତାଥି ଆଏବାକାଏଲ୍ ସାମ୍ବାଦିକ୍ ସମ୍ମିଲନୀ ହେବା । ଭୁବ୍‌ନେଶ୍ୱର୍‌ର ମୁଖ୍ୟ ନିର୍ବାଚନ୍ ଅଧିକାରୀଙ୍କର୍ କାର୍ଯ୍ୟାଲୟ ନ ଉପର୍‌ବେଲା ୩ ବଜେ ଇ ସମ୍ମିଲନୀ ହେବା ବଲି ଲୋକସମ୍ପର୍କ ଅଧିକାରୀ ସୂଚ୍‌ନା ଦେଇଛନ୍ । ପ୍ରିଂଟ୍‌ମିଡ଼ିଆ, ଆକାଶ୍‌ବାଣୀ ଆଉ ଦୂରଦର୍ଶନ୍ ସହେତେ ଇଲେକ୍ଟ୍ରୋନିକ୍ ମିଡ଼ିଆର୍ ସବୁ ଗଣମାଧମ୍ ପ୍ରତିନିଧି ସମିଆ ଆଘୋନୁ ପୁହୁଁଚିବାର୍ ଲାଗି ଅନୁରୋଧ୍ କରାଯାଇଛେ ।

ଓଡ଼ିଶା ହୋମ୍-ଷ୍ଟେ ୱାର୍କସପ୍ ଆଇଆଣ୍ଡପିଆର୍

ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା ଆଏଜ୍ ଓଡ଼ିଶା ହୋମ୍-ଷ୍ଟେ ୱାର୍କସପ୍ ଆଉ ଗୋ-ହୋମ୍‌ଷ୍ଟେ ପୋର୍ଟାଲ୍‌ର ଶୁଭାରମ୍ଭ କରିଛନ୍ । ଭୁବନେଶ୍ୱର୍ ନ ହେଇଥିବା ଗୁଟେ ଖାସ୍ ସମାରୋହଥି ଇତାର୍ ଉଦ୍‌ଘାଟନ୍ କରିକରି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଛନ୍, ପ୍ରାକୃତିକ୍ ସୌନ୍ଦର୍ଯ୍ୟଥି ଭର୍‌ପୁର୍ ଓଡ଼ିଶା ନ ହୋମ୍ ଷ୍ଟେ ବ୍ୟବସାୟ ଲାଗି ବ୍ୟାପକ୍ ସମ୍ଭାବନା ରହିଛେ । ଇ ପ୍ରୟାସ୍ ପର୍ଯ୍ୟଟନ୍ ଆଉ ଆତିଥ୍ୟ କ୍ଷେତ୍ରକେ ବର୍‌କସ୍ କର୍‌ବାର୍ ସହେତେ ସ୍ଥାନୀୟ ଲୁକଙ୍କର୍ ଆର୍ଥିକ୍ ଥିତିକେ ମଜ୍‌ବୁତ୍ କର୍‌ବା । ଇ ଅବ୍‌ସରେ ପର୍ଯ୍ୟଟନ୍ ବିଭାଗ୍

ଶାସନ୍ ସଚିବ ବଲ୍ୱନ୍ତ ସିଂ, ଆଉ ବିଭାଗ୍ର ଅଧିକାରୀମାନ୍କର୍ ସହେତେ ଭିନ୍ ଭିନ୍ ଜିଲ୍ଲାର୍ ଅଧିକାରୀ, ସର୍ପଂଚ୍ ଆଉ ସବୁ ହୋମ୍ଷ୍ଟେ ମାଲିକ୍ ମାନେ ଉପସ୍ଥିତ୍ ଥିଲେ ।

ଶ୍ରମଯୋଗୀ ମାନଧନ ଯୋଜ୍ନା            ଆର୍ଏନ୍ୟୁ/ କଟକ୍

ଅଣସଂଗଠିତ୍ କ୍ଷେତ୍ରଥି ଶ୍ରମିକ୍ମାନ୍କୁ ବୃଦ୍ଧାବସ୍ଥା ସମିଆଥି ଆର୍ଥିକ୍ ସୁରକ୍ଷା ଦେବାର୍ ଲାଗି ୨୦୧୯ ମସିହା ଆଝିରର୍ ଦିନେ ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରଧାନ୍ମନ୍ତ୍ରୀ ଶ୍ରମଯୋଗୀ ମାନଧନ ଯୋଜ୍ନାର୍ ଶୁଭାରମ୍ଭ କରିଥିଲେ । ସର୍କାର୍ ଆଉ ଶ୍ରମିକ୍ ଦୁହିକର୍ ୫୦ ପ୍ରତିଶତ୍ ଲେଖା ଯୋଗଦାନ୍ଥି ଇ ଯୋଜ୍ନା ଜରିଏ ଶ୍ରମିକ୍ମାନ୍କୁ ଅତି କମ୍ଥି ମାସ୍କ ୩ ହଜାର୍ ଟଙ୍କା ଲେଖା ପେନ୍ସନ୍ ଦିଆଯାଉଛେ । ୬୦ ବଛର୍ନୁ ଅଏତ୍କା ସବୁ ଶ୍ରମିକ୍ ଇ ଯୋଜ୍ନାର୍ ହିତାଧିକାରୀ ହେଇପାର୍ବେ ।

ରାଜ୍ୟସଭା ପ୍ରାର୍ଥୀ ନାମାଙ୍କନ୍ ପତ୍ର          ଆର୍ଏନ୍ୟୁ/ ସମ୍ବଲପୁର

ରାଜ୍ୟସଭା ନିର୍ବାଚନ୍ ଲାଗି ବିଜେପି ପ୍ରାର୍ଥୀ ମନ୍ମୋହନ୍ ସାମଲ୍ ଆଉ ସୁଜିତ୍ କୁମାର୍ ଆଏଜ୍ ନାମାଙ୍କନ୍ ପତ୍ର ଦାଖଲ୍ କରିଛନ୍ । ବିଜେପି ପାର୍ଟି ଅଫିସ୍‌ନୁ ସମର୍ଥକଙ୍କର୍ ସହେତେ ଶୋଭାଯାତ୍ରାଥି ବାହାରିକରି ୨ ଝନ୍ ପ୍ରାର୍ଥୀ ନାମାଙ୍କନ୍ ପତ୍ର ଦାଖଲ୍ କରିଥିଲେ । ସ୍ୱାଧୀନ୍ ପ୍ରାର୍ଥୀ ଦିଲ୍ଲୀପ୍ ରାୟ ଭିଲ୍ ନାମାଙ୍କନ୍ ପତ୍ର ଦାଖଲ୍ କରିଥିବାର୍ ଆମର୍ ସମ୍ବାଦଦାତା ଜନେଇଛନ୍ ।

ସେନ୍ତା ବିଜେଡ଼ି ତର୍ଫୁ ମନୋନୀତ୍ ଡକ୍ଟର୍ ସନ୍ତୃପ୍ତ ମିଶ୍ର ଆଉ କଂଗ୍ରେସ୍ ଆଉ ବିଜେଡ଼ି ସମର୍ଥନ୍‌ଥି ସାଧାରଣ୍ ପ୍ରାର୍ଥୀ ଭାବେ ଡାକ୍ତର୍ ଦତେଶ୍ୱର୍ ହୋତା ରାଜ୍ୟସଭା ଲାଗି ନାମାଙ୍କନ୍ ପତ୍ର ଦାଖଲ୍ କରିଛନ୍ । ଇ ସମିଆଥି ବିଜେଡ଼ି ମୁଖ୍ୟ ନବୀନ୍ ପଟ୍ଟନାୟକ୍, ପିସିସି ସଭାପତି ଭକ୍ତ ଦାସ୍‌ଙ୍କର୍ ସହେତେ ଦୁହି ଦଲର୍ ବହୁତ୍‌ଟେ ନେତା ଉପସ୍ଥିତ୍ ଥିଲେ ।

୧୦ ଟା ରାଜ୍ୟର୍ ୩୭ ଟା ରାଜ୍ୟସଭା ଆସନ୍ ଲାଗି ଆଏଜ୍ ନାମାଙ୍କନ୍ ପତ୍ର ଦାଖଲ୍‌ର ଶେଷ୍ ଦିନ୍ ଆଏ । ଆଏବାକାଏଲ୍ ପ୍ରାର୍ଥୀପତ୍ର ଯାଂଚ୍ ସହେତେ ୯ ତାରିଖ୍‌କେ ପ୍ରତ୍ୟାହାର୍‌ର ଶେଷ୍ ଦିନ୍ ରଖାଯାଇଛେ । ଆଏବା ୧୬ ତାରିଖ୍ ଦିନ ଇ ଆସନ୍‌ମାନ୍‌କର୍ ଲାଗି ନିର୍ବାଚନ୍ ହେବା । ସେଥିର୍‌ଭିତ୍‌ରେ ଓଡ଼ିଶାର୍ ୪ ଟା ରାଜ୍ୟସଭା ଆସନ୍ ରହିଛେ ।

ବିଜୁ ଜୟନ୍ତୀ ଆର୍‌ଏନ୍‌ୟୁ/ ସମ୍ବଲପୁର

ଓଡ଼ିଶାର୍ ପ୍ରବାଦ୍ ପୁରୁଷ ଆଉ ଆଘର୍ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କର୍ ଶହେ ୧୦ ତମ ଜୟନ୍ତୀ ଆଏଜ୍ ପାଲନ୍ କରାଯାଉଛେ । ଇ ଅବ୍‌ସରେ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଓଡ଼ିଶାର୍ ପ୍ରଗତିକେ ଆଗ୍‌କେ ନେବାର୍‌ଥି ବିଜୁ ପଟ୍ଟନାୟକଙ୍କର୍ ଚେରେଷ୍ଟା ସୁର୍‌ତା ହେଇକରି ରହେବା ବଲି ସାମାଜିକ୍ ଗଣମାଧ୍ୟମ୍ ଜରିଏ କହିଛନ୍ । ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି ବିଜୁ ପଟ୍ଟନାୟକଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ୍ କରିଛନ୍ । ବିଧାନ୍‌ସଭା ପରିସର୍ ନ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଶ୍ରଦ୍ଧାଞ୍ଜଳି ଜନେଇଛନ୍ । ବାଚସ୍ପତି ସୁରମା ପାଢ଼ୀ, ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ, ପ୍ରଭାତୀ ପରିଡ଼ା, ଆଉ ବିଧାୟକ୍‌ମାନେ ଭିଲ୍ ଶ୍ରଦ୍ଧାଞ୍ଜଳି ଅର୍ପଣ୍ କରିଛନ୍ । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ କହିଛନ୍, ଓଡ଼ିଶାର୍ ବିକାଶ୍‌କେ ବିଜୁ ପଟ୍ଟନାୟକ୍ ସବୁବେଲେ ପ୍ରାଥମିକତା ଦେଇଥିଲେ ।

(ଭଏସ୍ ଓଭର୍- ମୁଖ୍ୟମନ୍ତ୍ରୀ)

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ସାମାଜିକ୍ ଗଣମାଧ୍ୟମ୍ ଜରିଏ ବିଜୁ ପଟ୍ଟନାୟକଙ୍କର୍ ଜୟନ୍ତୀ ଅବ୍‌ସରେ ତାଙ୍କୁ ଶ୍ରଦ୍ଧାଞ୍ଜଳି

ଜନେଇଛନ୍ । ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ଆଏଜ୍ ବିଜୁ ପଟ୍ଟନାୟକଙ୍କର୍ ଶହେ ୧୦ ତମ ଜୟନ୍ତୀ ପାଲିତ୍ ହେଉଛେ ।
ବୌଦ୍ଧ ଜିଲ୍ଲା ବିଜୁ ପଟ୍ଟନାୟକ୍ ଛକ୍ ଠାନେ, ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ନ ଆଘର୍ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କର୍ ଜୟନ୍ତୀ ପାଲିତ୍ ହେଇଯାଇଛେ । ବକ୍ତାମାନେ ଇ ଅବ୍ସରେ ବିଜୁ ବାବୁଙ୍କର୍ ସାହସିକତା ଆଉ ନିର୍ଭିକ କାମ୍କେ ସୁର୍ତା କରିଥିଲେ ।

ମହିଳା ଜନଶୁଣାଣି ଆଇ.ଆଣ୍ଡ୍.ପି.ଆର୍

ମହିଳାମାନ୍କର୍ ଅଧିକାର୍ କଲ୍ୟାଣ୍ ଆଉ ଅଲ୍ଗା ସମସ୍ୟା ସାଙ୍ଗେ ଜଡ଼ିତ ଅଭିଯୋଗ୍ ମାନ୍କର୍ ଶୁଣାଣି ଲାଗି ଆଏବା କାଏଲ୍ ସଖାଲର୍ ୧୦ ବଜେ ଜନଶୁଣାଣି କାର୍ଯ୍ୟକ୍ରମ୍ ହେବା । ଜାତୀୟ ମହିଳା ଆୟୋଗ୍ ଆଉ ରାଜ୍ୟ ମହିଳା ଆୟୋଗ୍ର ମିଲିତ୍ ସହଯୋଗ୍ଥି ଭୁବ୍ନେଶ୍ୱର୍ ଲକ୍ଷ୍ମୀସାଗର୍ ନ ଥିବା ରାଜ୍ୟ ମହିଳା ଆଉ ଶିଶୁ ପ୍ରତିଷ୍ଠାନ୍ ସଭାଗୃହ ନ ହେବାର୍କେ ଥିବା ଜନଶୁଣାଣିଥି ଅଭିଯୋଗ୍ ମାନ୍କର୍ ସମାଧାନ୍ ଲାଗି ଅଭିଯୋଗ୍କାରୀ ମହିଳା ଆଉ ଅଲ୍ଗା ପକ୍ଷ ମାନେ ଉପସ୍ଥିତ ରହିକରି ନିଜର୍ ପକ୍ଷ

ଉପସ୍ଥାପନ୍ କରିପାର୍‌ବେ । ଇତାର୍ ସୁଯୋଗ୍ ନେବାର୍‌କେ ଆୟୋଗ୍ ତର୍‌ଫୁ ନିବେଦନ୍ କରାଯାଇଛେ ।

ବନକ ଲାଗି ନୀତି ଆର୍‌ଏନ୍‌ୟୁ/ ସମ୍ବଲପୁର

ଚଇତ୍ ମାସର୍ ଅନ୍ଧାର ପଖର୍ ଦ୍ୱିତୀୟା ତିଥି ଅବ୍‌ସରେ ଆଏଜ୍ ପୁରୀ ଶ୍ରୀମନ୍ଦିର ନ ମାହାପୁରମାନ୍‌କର ବନକଲାଗି ନୀତି ହେଉଛେ । ଦୁଇନମ୍ବର୍ ମଣ୍ଡପ୍ ଶେଷ୍ ହେବାର୍ ଉତ୍‌ରୁ ବେଲ୍‌ବୁଡ଼ର୍ ୬ ବଜୁ ରାତିର୍ ୧୦ ବଜେତକ୍ ଇ ନୀତି କରାଯାଉଛେ । ଗୁପ୍ତ ନୀତିଥି ମାହାପ୍ରଭୁଙ୍କର୍ ଶ୍ରୀମୁଖ ଶ୍ରୀଙ୍ଗାର କରାଯାଉଛେ ।

ସୂଚନା ଅଧିକାର୍ ଅଧିନିୟମ୍ କର୍ମଶାଲା ବର୍‌ଗଡ୍ ସମ୍ବାଦଦାତା

ସୂଚନା ଅଧିକାର୍ ଅଧିନିୟମ୍ ୨୦୦୫ ର ସଫଲ୍ କାର୍ଯ୍ୟାନ୍ୱୟନ୍ ଉଦ୍ଦେଶ୍ୟଥି ବର୍‌ଗଡ୍ ଜିଲ୍ଲା ବିଜୁ ପଟ୍ଟନାୟକ୍ ଟାଉନ୍‌ହଲ୍ ଠାନେ ଆଏଜ୍ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ୍ କର୍ମଶାଳା ଆଉ ବକ୍ତୃତା ପ୍ରତିଯୋଗିତା ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ଜିଲ୍ଲାପାଲ୍ ଆଦିତ୍ୟ ଗୋୟଲ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ସୂଚନା ଅଧିକାର୍

ଆଇନ୍‌ର ସଠିକ୍ କାର୍ଯ୍ୟାନ୍ୱୟନ୍ ଆଉ ଲୋକ୍‌ମାନ୍‌କୁ ନିୟମ୍ ଅନ୍‌ସାରେ ସଠିକ୍ ତଥ୍ୟ ଦେବାର୍‌କେ ଆହ୍ୱାନ୍ ଦେଇଥିଲେ । ଇ ଅବ୍‌ସରେ କୃତୀ ଛାତ୍ରଛାତ୍ରୀମାନ୍‌କୁ ପୁରସ୍କାର୍ ଦିଆଯାଇଥିଲା ।

ଲଘୁ ବନଜାତ ଦରବ ବୈଠକ୍        ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ବୋଡ଼େନ୍ ବ୍ଲକ୍ ପାତାଲ୍ ଗଙ୍ଗା ନ ଲଘୁ ବନଜାତ ଦରବ୍ ଠୋଲ୍ ଆଉ ବଜାର୍ କରଣ୍ ବାବଦେ ଗୁଟେ ବୈଠକ୍ ହେଇଯାଇଛେ । ବୈଠକ୍‌ଥି ଇଲାକାର୍ ବେପାରୀମାନେ ଯୋଗ୍ ଦେଇକରି ଲଘୁବନଜାତ ଦରବ୍‌ର ଠିକ୍ ଦାମ୍, ବଜାର୍ ଚାହିଦା ଆଉ ଉପକାରିତା ବାବ୍‌ଦେ ଆଲୋଚନା କରିଥିଲେ ।

ଟି-୨୦ ବିଶ୍ୱକପ୍        ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଇସିସି ବିଶ୍ୱକପ୍ ପୁରୁଷ କ୍ରିକେଟ୍‌ଥି ବେଲ୍‌ବୁଡ଼ର୍ ୭ ବଜେ ମୁମ୍ବାଇର ୱାଙ୍ଖଡ଼େ ଷ୍ଟାଡ଼ିୟମ୍ ନ ଆଏଜ୍ ଭାରତ୍ ଆଉ ଇଂଲଣ୍ଡ୍ ଭିତ୍‌ରେ ଦୁଇ ନମ୍ବର୍ ସେମି ଫାଇନାଲ୍ ମେଚ୍ ଚାଲିଛେ । ଇଂଲଣ୍ଡ୍ ଟସ୍ ଜିତିକରି ପହେଲା ବୋଲିଂର ନିଷ୍ପତି ନେଇଛେ ।

ଆଝିରର୍ ମେଚ୍‌ଥି ବିଜୟୀ ଦଲ୍ ଆଏବା ୮ ତାରିଖ୍ ଦିନ ହେବାର୍‌କେ ଥିବା ଫାଇନାଲ୍ ମେଚ୍‌ଥି ନ୍ୟୁଜିଲାଣ୍ଡ୍ ଦଲ୍‌କେ ଭେଟ୍‌ବା ।

ପାଣିପାଗ       ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଦିନର୍ ତାପମାତ୍ରା ବଢ୍‌ବାର୍‌କେ ଲାଗିଛେ । ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ଆଏଜ୍ ୨୩ ସହରର୍ ତାପମାତ୍ରା ୩୫ ଡିଗ୍ରୀ ଉପ୍‌ରେ ରେକର୍ଡ୍ କରାଯାଇଛେ ।

ଝାରସୁଗୁଡ଼ା ନ ରାଜ୍ୟର୍ ସବୁନୁ ଜହ ଦିନର୍ ତାପମାତ୍ରା ୩୯ ଦଶ୍‌ମିକ୍ ୬ ଡିଗ୍ରୀ ସେଲ୍‌ସିୟସ୍ ରେକର୍ଡ କରାଯାଇଥିଲା ।
ସେଆଡ଼େ ଆଏବା ରଏବାର୍‌ନୁ ରାଜ୍ୟର୍ କେତେଟା ଜାଗା ନ ବିଜ୍‌ଲି ଘଡ଼୍‌ଘଡ଼ି ସହେତେ ବର୍ଷା ହେବାର୍ ସମ୍ଭାବନା ରହିଛେ । ଇଥିର୍‌ଲାଗି ଝାର୍‌ସୁଗୁଡ଼ା, ସୁନ୍ଦର୍‌ଗଡ୍, କେନ୍ଦୁଝର୍, ମୟୁର୍‌ଭଞ୍ଜ୍, ବାଲେଶ୍ୱର୍, ଭଦ୍ରକ୍, ଜଗତ୍‌ସିଂହପୁର୍ ସତର୍କ ସୂଚ୍‌ନା ଜାରି କରାଯାଇଛେ ।